# NATIONAL NEWS BULLETIN (ODIA)

**3 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସେମିକନ୍ ଇଣ୍ଡିଆ-୨୦୨୫ର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କ ସହ କଲେ ଆଲୋଚନା

- କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଜିଏସଟି ପରିଷଦର ୫୬ତମ ବୈଠକ ଅନୁଷ୍ଠିତ

- ଅପରେସନ ବ୍ଲାକ୍ ଫରେଷ୍ଟର ସଫଳତା ନେଇ ନିରାପତ୍ତା ବାହିନୀର ଯବାନମାନଙ୍କୁ ସମ୍ବର୍ଦ୍ଧିତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ଓ ଜର୍ମାନୀ ପ୍ରତିପକ୍ଷଙ୍କ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ନେଇ ଦ୍ୱିପାକ୍ଷିକ ଆଲୋଚନା

ଏବଂ

- ବିହାରର ରାଜଗିରି ଅନ୍ତର୍ଜାତୀୟ ଷ୍ଟାଡିୟମରେ ଆଜି ସନ୍ଧ୍ୟାରେ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର୍-ଫୋର୍ ପର୍ଯ୍ୟାୟରେ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ହେବ ମୁକାବିଲା

## ପିଏମ୍-ସେମିକଣ୍ଡକ୍ଟର

ନୂଆଦିଲ୍ଲୀ ଯଶୋଭୂମିଠରେ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୫ର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି

ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଅବସରରେ ସେ ପ୍ରଦର୍ଶନୀରେ ସେମିକଣ୍ଡକ୍ଟର ସଂକ୍ରାନ୍ତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନୀ ଓ ପ୍ରକଳ୍ପକୁ ବୁଲି ଦେଖିଛନ୍ତି । ଇଲେକ୍ଟ୍ରୋନିସକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେମିକନ୍ ଇଣ୍ଡିଆର ସିଇଓଙ୍କର ରାଉଣ୍ଡ ଟେବୁଲ୍ ବୈଠକରେ ଅଂଶ ଗ୍ରହଣ କରିବେ । ସମଗ୍ର ବିଶ୍ୱର ସେମିକଣ୍ଡକ୍ଟର ସହ ସଂପୃକ୍ତ ଶିଳ୍ପ ପ୍ରତିନିଧିମାନଙ୍କୁ ଏହି ରାଉଣ୍ଡ ଟେବୁଲ୍ ବୈଠକ ଏକତ୍ର କରିଛି । ଏହି ଅବସରରେ ସେମାନେ ଭାରତର ସେମିକଣ୍ଡକ୍ଟର ବ୍ୟବସ୍ଥା, ଏହାର ଅଭିବୃଦ୍ଧି ଓ ବିକାଶ ନେଇ ଆଲୋଚନା କରିବେ ।

୩ ଦିନିଆ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉଦ୍‌ଘାଟନ କରିଥିଲେ । ବୈଶ୍ୱିକ ସେମିକଣ୍ଡକ୍ଟର ଶୃଙ୍ଖଳ ବ୍ୟବସ୍ଥାରେ ଭାରତକୁ ଏକ ବିଶ୍ୱସ୍ତ ଭାଗିଦାରୀ ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜନ କରାଯାଇଛି । ସେମିକଣ୍ଡକ୍ଟର ଡିଜାଇନ୍ ନିର୍ମାଣ, ପ୍ରଯୁକ୍ତି ବିକାଶ ଦିଗରେ ଭାରତକୁ ଏକ ହବ୍‌ରେ ପରିଣତ କରିବା ଲାଗି ଏହି ସମ୍ମଳନୀ ଉଲ୍ଲେଖନୀୟ ପଦକ୍ଷେପ ହେବ ବୋଲି କୁହାଯାଉଛି ।

---

# ଜିଏସଟି

ସାମଗ୍ରୀ ଓ ସେବା ଟିକସ-ଜିଏସଟିର ୫୬ତମ ପରିଷଦ ବୈଠକ ଆଜି ନୂଆଦିଲ୍ଲୀଠାରେ ଚାଲିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଦୁଇଦିନିଆ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । ଭାରତର ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର, ଟିକସ ହାରକୁ ଯୁକ୍ତିଯୁକ୍ତ କରିବା ସହିତ ଏହି ପ୍ରକ୍ରିୟାକୁ ଅଧିକ ସରଳୀକରଣ କରିବା ଉପରେ ବୈଠକରେ ଆଲୋଚନା ହେଉଛି ।

ବୈଠକରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଦିଲ୍ଲୀ, ଗୋଆ, ହରିଆଣା, ଜମ୍ମୁ କାଶ୍ମୀର, ମେଘାଳୟ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଅଛନ୍ତି । ସେହିପରି ଏଥିରେ ଅରୁଣାଚଳପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀ, ମଣିପୁରର ରାଜ୍ୟପାଳ ଏବଂ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ଯୋଗ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ସମୟରେ ଜି.ଏସ୍.ଟି. ମାଧମରେ ଦେଶ କିଭଳି ଉପକୃତ ହୋଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହିତ ଶ୍ରୀ ମୋଦୀ ଜି.ଏସ୍.ଟି. ଅଧୀନରେ ଆଗାମୀ ପିଢ଼ି ଲାଗି ସଂସ୍କାରମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଏହା ଦ୍ୱାରା ସାଧାରଣ ଜନତା, କୃଷକ, ମଧବିତ ପରିବାର ଓ ଏମ୍.ଏସ୍.ଏମ୍.ଇ. ଗୁଡ଼ିକ ବିଶେଷ ଉପକୃତ ହୋଇପାରିବେ । ଆଗାମୀ ଦୀପାବଳି ଅବସରରେ ଏହି ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ବ୍ୟବସ୍ଥାର ଉନ୍ମୋଚନ କରାଯିବ । ଏହାଦ୍ୱାରା ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ଟିକସ ହ୍ରାସ କରାଯିବା ସହିତ ଉଭୟ ସ୍ଥାନୀୟ ବ୍ୟବସାୟୀ ଏବଂ ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ ।

**V/O (PM)**

ଆନ୍ଧ୍ରପ୍ରଦେଶର ଅର୍ଥମନ୍ତ୍ରୀ ପାୟାଭୁଲା କେଶବ ଗଣମାଧ୍ୟମକୁ କହିଛନ୍ତି, ତାଙ୍କ ଦଳ ଜିଏସଟି କ୍ଷେତ୍ରରେ ସଂସ୍କାର ଅଣାଯିବାକୁ ପୂର୍ଣ୍ଣ ସମର୍ଥନ କରେ । ଏହି ସଂସ୍କାର ଫଳରେ ସାଧାରଣ ଲୋକ ଏବଂ ଗରିବରୁ

ଅତି ଗରିବ ଲୋକମାନେ ବିଶେଷ ଭାବରେ ଉପକୃତ ହେବେ । ଏହା ଫଳରେ ଦେଶର ଅର୍ଥନୀତିକୁ ବିକଶିତ କରିବାରେ ଏହି ସଂସ୍କାର ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି ।

ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି କେନ୍ଦ୍ର ସରକାର ଜି.ଏସ୍.ଟି.ରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବା ଲାଗି ଏକ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି । ଗତ ମାସରେ ଏହି କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଦେଶରେ ଏକ ସମାବେଶୀ ଅଭିବୃଦ୍ଧି ହାସଲ ସହିତ ବ୍ୟବସାୟ ପ୍ରକ୍ରିୟାକୁ ସରଳୀକରଣ କରିବା ଉଦ୍ଦେଶ୍ୟରେ ଜି.ଏସ୍.ଟି.କୁ ଏକ ସରଳ, ସ୍ଥିର ତଥା ସ୍ୱଚ୍ଛ ଟିକସ ବ୍ୟବସ୍ଥା ରୂପେ ଗଢ଼ିତୋଳିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

---

## ପ୍ରେଜ୍-କରମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କରମ ପୂଜା ଅବସରରେ ଦେଶବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ରାଷ୍ଟ୍ରପତି କହିଛନ୍ତି, ଏହି ପର୍ବ ଭାଇ ଓ ଭଉଣୀ ମଧ୍ୟରେ ସ୍ନେହ ଓ ସୌହାର୍ଦ୍ଦ୍ୟର ପ୍ରତୀକ । ଶ୍ରୀମତୀ ମୁର୍ମୁ କହିଛନ୍ତି, ଏହି ପର୍ବ ପ୍ରକୃତିର ସୁରକ୍ଷା ନେଇ ବିଶେଷ ସନ୍ଦେଶ ଦେଉଛି ।

---

## ଶାହା-ଅପରେସନ ବ୍ଲାକ୍

ଛତିଶଗଡ଼ର କାରେଗୁଟାଲୁ ହିଲ୍‌ରେ ମାଓବାଦୀ ଦମନର ଅଂଶ ସ୍ୱରୂପ “ଅପରେଶନ ବ୍ଲାକ ଫରେଷ୍ଟ’କୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀଠାରେ ସିଆର୍‌ପିଏଫ୍, ଛତିଶଗଡ଼ ପୋଲିସ୍, ଡିଆର୍‌ଜି ଏବଂ କୋବ୍ରା ବାହିନୀର ଯବାନମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଛତିଶଗଡ଼-ତେଲଙ୍ଗାନା ସୀମାନ୍ତ କାରେଗୁଟାଲୁ ହିଲ୍‌ରେ

କରାଯାଇଥିବା ମାଓବାଦୀ ନିରୋଧୀ ଅଭିଯାନରେ ନିରାପତ୍ତା ବାହିନୀ ୩୧ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ନିହତ କରିଥିଲେ । ଚଳିତବର୍ଷ ୨୧ ଏପ୍ରିଲ୍‌ରୁ ୧୧ ମେ ମାସ ଯାଏଁ ଏହି ଅଭିଯାନ ଚାଲିଥିଲା । କାର୍ଯ୍ୟକ୍ରମରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଓ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

ତେବେ ଯବାନମାନେ ଦେଖାଇଥିବା ବୀରତ୍ୱ ଲାଗି ସେମାନଙ୍କ ନାମ ମାଓବାଦୀ ନିରୋଧୀ ଅଭିଯାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଶ୍ରୀ ଶାହା କହିଛନ୍ତି । ସମସ୍ତ ମାଓବାଦୀ ଆତ୍ମସମର୍ପଣ କରିବା କିମ୍ବା ସେମାନଙ୍କୁ ସଂପୂର୍ଣ୍ଣ ନିପାତ ନ କରିବା ଯାଏ ମୋଦୀ ସରକାର କଦାପି ସ୍ଥିର ହୋଇ ବସିପାରିବେ ନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି । ସଂପୃକ୍ତ ଅଞ୍ଚଳରେ ଅତ୍ୟଧିକ ଗରମ, ବହୁ ଉଚ୍ଚର ପ୍ରତି ପଦକ୍ଷେପରେ ଆଇଇଡିର ଆଶଙ୍କା ଥିବା ସତ୍ତ୍ୱେ ନିରାପତ୍ତା ବାହିନୀର ଯବାନମାନେ ଦୃଢ଼ତାର ସହ ପଦକ୍ଷେପ ନେଇ ନକ୍ସଲମାନଙ୍କୁ ନିପାତ କରିବାରେ ସଫଳ ହୋଇଛନ୍ତି । କାରେଗୁଟାଲୁ ହିଲ୍‌ରେ ନକ୍ସଲମାନଙ୍କ ଦ୍ୱାରା ରଖାଯାଇଥିବା ମାଓବାଦୀ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀକୁ ନିରାପତ୍ତା ବାହିନୀର ଯବାନମାନେ ଧ୍ୱଂସ କରିଦେଇଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଆହୁରି କହିଛନ୍ତି, ମାଓବାଦୀ ବିରୋଧୀ ଅଭିଯାନ ଫଳରେ ପଶୁପତିନାଥରୁ ତିରୁପତି ଯାଏଁ ପାଖାପାଖି ୬ କୋଟି ୫୦ଲକ୍ଷ ଲୋକଙ୍କ ପାଇଁ ନୂଆ ସୂର୍ଯ୍ୟୋଦୟ ଆସିଛି । ମାଓବାଦୀ ନିରୋଧୀ ଅଭିଯାନରେ ଆହତ ହୋଇଥିବା ଯବାନମାନଙ୍କ ସୁସ୍ଥତା ଲାଗି ମୋଦୀ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

---

## ସିଙ୍ଗାପୁର ପିଏମ୍-ଇଣ୍ଡିଆ ଭିଜିଟ୍

ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ୍ ୱୋଙ୍ଗ ଆଜି ସକାଳେ ନୂଆଦିଲ୍ଲୀର ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶ୍ରୀ ୱୋଙ୍ଗ୍ ଗତକାଲି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ତିନି ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଆଜି ଅପରାହ୍ନରେ ସେ ଭାରତ ଶିଳ୍ପ ଓ ବାଣିଜ୍ୟ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା କରିବେ । ଏହି ଗସ୍ତ ଅବସରରେ ଶ୍ରୀ ଲରେନ୍ସ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରିବେ ।

ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କର ଭାରତ ଗସ୍ତ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ-ସିଙ୍ଗାପୁର କୂଟନୀତି ସମ୍ପର୍କର ୬୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଭାଗିଦାରୀକୁ ଅଧିକ ସଶକ୍ତ କରିବ । ଏତଦ୍‌ବ୍ୟତୀତ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରିବା ଲାଗି ମଧ୍ୟ ଅବସର ମିଳିବ । ମନ୍ତ୍ରଣାଳୟ କହିଛି, ଭାରତର ଆକ୍ଟଇଷ୍ଟ ନୀତି ସମେତ ବିଭିନ୍ନ ପ୍ରସଙ୍ଗରେ ସିଙ୍ଗାପୁର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ରହି ଆସିଛି । ଗତ ବର୍ଷ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ସିଙ୍ଗାପୁର ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପକ୍ଷୀୟ ସମ୍ପର୍କକୁ ଏକ ସମନ୍ୱିତ ରଣନୈତିକ ଭାଗିଦାରୀରେ ପରିଣତ କରାଯାଇ ପାରିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଜୟଶଙ୍କର-ଜର୍ମାନ ଫରେନ୍ ମିନିଷ୍ଟର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନୂଆଦିଲ୍ଲୀଠାରେ ଆଜି ଜର୍ମାନୀ ପ୍ରତିପକ୍ଷ ଜୋହାନ୍ ଡାଭିଡ୍ ଓ୍ୱାଡେଫୁଲ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଭାରତକୁ ଦୁଇଦିନିଆ ଗସ୍ତରେ ଆସି ଗତକାଲି ରାତିରେ ଶ୍ରୀ ଓ୍ୱାଡେଫୁଲ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।

ଏହି ଅବସରରେ ଶ୍ରୀ ଜୟଶଙ୍କର ତାଙ୍କ ପ୍ରତିକ୍ରିୟାରେ  ୟୁରୋପୀୟ ସଂଘ ସହିତ ଭାରତ ସଂପର୍କ ମଜବୁତ କରିବା ସହ ମୁକ୍ତ ବାଣିଜ୍ୟ ରାଜିନାମାକୁ ତ୍ୱରାନ୍ୱିତ କରିବା ଲାଗି   ଜର୍ମାନୀର ସହଯୋଗ କାମନା କରିଛନ୍ତି । ସେ କହିଛନ୍ତି, ଭାରତ ଓ ଜର୍ମାନୀ ୨୫ ବର୍ଷ ଧରି ରଣନୈତିକ ଭାଗିଦାରୀ ରହିଆସିଛନ୍ତି । ସେହିପରି ୫୦ ବର୍ଷ ଧରି ବୈଜ୍ଞାନିକ ସହଯୋଗ ଓ ପାଖାପାଖି ୬୦ ବର୍ଷ ଧରି ଦୁଇଦେଶ ମଧ୍ୟରେ ସାଂସ୍କୃତିକ ରାଜିନାମା ରହିଆସିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

# ପାକ୍ ଆଟାକ୍

ପାକିସ୍ତାନର କ୍ୱେଟାଠାରେ ବାଲୁଚିସ୍ତାନ ନ୍ୟାଶନାଲ ପାର୍ଟି ର୍‍ୟାଲିରେ ଏକ ବିସ୍ଫୋରଣ ଘଟିବାରୁ ୧୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫ ଜଣ ଆହତ ହୋଇଛନ୍ତି । ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନର ଜଣେ ପ୍ରମୁଖ ରାଜନେତା ତଥା ବିଏନପିର ପ୍ରତିଷ୍ଠାତା ସର୍ଦ୍ଦାର ଆତାଉଲ୍ଲା ମେଙ୍ଗଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ବେଳେ ସାଓ୍ୱାଓ୍ୱାନୀ ଷ୍ଟାଡିୟମ ନିକଟରେ ଏହି ବିସ୍ଫୋରଣ ଘଟିଛି ।

# ହକି

ବିହାରର ରାଜଗିରି ଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର-ଫୋର୍ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେଉଛି । ଏହି ପର୍ଯ୍ୟାୟକୁ ଭାରତ, ଚୀନ୍, ମାଲେସିଆ ଓ ଦକ୍ଷିଣ କୋରିଆ ଉନ୍ନୀତ ହୋଇଛନ୍ତି ।

ଏଥିରେ ୪ଟି ଯାକ ଦଳ ପରସ୍ପର ସହିତ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ । ଭାରତୀୟ ଟିମ୍ ଆଜି ଦକ୍ଷିଣକୋରିଆ ସହିତପ୍ରଥମ ସୁପର୍-ଫୋର୍ ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍ ରାଜଗିରି ଅନ୍ତର୍ଜାତୀୟ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ହେବ ।  କ୍ୟାପ୍ଟେନ୍ ହରପ୍ରୀତ୍ ସିଂଙ୍କ ନେତୃତ୍ୱରେ ଭାରୀୟ ଦଳ ଲିଗ୍ ମ୍ୟାଚ୍ ଗୁଡ଼ିକରେ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲା । ତେବେ ଅପରାହ୍ନ ୫ଟାରେ ଅନ୍ୟ ଏକ ସୁପର୍ ଫୋର୍ ମ୍ୟାଚ୍ ମାଲେସିଆ ଓ ଚୀନ୍ ମଧ୍ୟରେ ଖେଳାଯିବ । ସୁପର-ଫୋର୍ ପର୍ଯ୍ୟାୟରେ ସର୍ବାଧିକ ପଏଣ୍ଟ ପାଇଥିବା ଦୁଇଟି ଦଳ ଫାଇନାଲ୍ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହେବେ । ବାକି ଦୁଇଟି ଦଳ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ପରସ୍ପରକୁ ଭେଟିବେ । ବାଂଲାଦେଶ, ଚାଇନିଜ୍ ଚାଇପେଇ, କାଜାଖସ୍ତାନ ଓ ଜାପାନ ପଞ୍ଚମରୁ ଅଷ୍ଟମ ସ୍ଥାନ ମଧ୍ୟରେ ରହିବା ଲାଗି କ୍ଲାସିଫିକେସନ୍ ମ୍ୟାଚ୍ ଖେଳିବେ । ୨୦୨୬ ହକି ବିଶ୍ୱକପ୍ ଲାଗି ଏସିଆ କପ୍ ୨୦୨୫ ଯୋଗ୍ୟତା ଭିତ୍ତିକ ଟୁର୍ଣ୍ଣାମେଣ୍ଟ ହୋଇଥିବା ଦୃଷ୍ଟିରୁ ପ୍ରତ୍ୟେକ ଦଳର ର୍ୟାଙ୍କିଙ୍ଗ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।